**୨୯ ଡ଼ିସେମ୍ବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼**

**ହଜରତ ମସିହ ମଉଦ[ଅ.ସ] କୁହନ୍ତି, ଓ୍ୱହଦ୍ ଯୁଦ୍ଧରେ ହଜରତ ମୁହମ୍ମଦ[ସ.ଅ] ଏକାକି ରହି ଯିବାରେ ଭେଦ ଏହା ଥିଲା କି ଆପଣ [ସ.ଅ]ଙ୍କର ବୀରତ୍ୱ ଲୋକମାନଙ୍କୁ ଜ୍ଞାତ ହେବ । ଓ୍ୱହଦ୍ ଯୁଦ୍ଧର ଅବସ୍ଥା ଓ ଘଟଣାବଳୀର ବିଶ୍ୱାସବର୍ଦ୍ଧକ ଆଲୋଚନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଆଜି ମଧ୍ୟ ଓ୍ୱହଦ୍ ଯୁଦ୍ଧରେ ଘଟଥିବା କିଛି ଘଟଣା ଚକ୍ରର ଆଲୋଚନା କରିବି । ଯେପରିକି ଚର୍ଚ୍ଚା ହୋଇଥିଲା ଯେ, ଗିରିପଥ ଖାଲି କରିବା ଯୋଗୁଁ ଅମାନ୍ୟକାରୀମାନେ ପଶ୍ଚାତ ପାର୍ଶ୍ୱରୁ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେଲେ । ଆଉ ଯୁଦ୍ଧର ପରିଣାମ ଓଲଟି ଗଲା । ଶତ୍ରୁର ଆକ୍ରମଣ ଅତି ଭୟଙ୍କର ଥିଲା, ସେତେବେଳେ ହଜୁର [ସ.ଅ]ଙ୍କର ଦୃଢ଼ତା, ସାହସ, ବୀରତ୍ୱ ଓ ଆକ୍ରୋସର ନମୁନା ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେତେବେଳେ ଯୁଦ୍ଧର ପରିଣାମ ପାଲଟି ଗଲା ସେତେବେଳେ ସାହାବା ଅତର୍କିତ ମନ ବଶତଃ ନିଜ ଉପରେ ନିୟନ୍ତ୍ରଣ ରକ୍ଷା କରି ପାରିଲେ ନାହିଁ । ଏବଂ ବିଚ୍ଛୁରିତ ହୋଇଗଲେ କିନ୍ତୁ ଏପରି ଉତ୍କଟ ପରିସ୍ଥିତିରେ ମଧ୍ୟ ହଜୁର[ସ.ଅ] ନିଜ ସ୍ଥାନରେ ଅଟଳ ଅବିଚଳ ରହିଥିଲେ । ସାହାବାଙ୍କୁ ଏଣେତେଣେ ଦୌଡ଼ିବାର ଦେଖି ହଜୁର[ସ.ଅ] ଡ଼ାକ ମାରୁଥିଲେ, ହେ ଅମକ ! ମୋ ନିକଟକୁ ଆସ, ହେ ଅମକ ! ମୋ ନିକଟକୁ ଆସ । ହେ ଲୋକମାନେ ମୁଁ ପ୍ରଭୁଙ୍କ ଦେବଦୂତ ଯେତେବେଳେ କି ପ୍ରତ୍ୟେକ ଦିଗରୁ ଆପଣଙ୍କ ଉପରକୁ ତୀର ଚାଳନା କରା ଯାଉଥିଲା ।

ଗୋଟିଏ ବର୍ଣ୍ଣନାନୁଯାୟୀ ହଜୁର[ସ.ଅ] ଉଚ୍ଚ ସ୍ୱରରେ କହୁଥିଲେ; ଅନନ୍ ନବୀୟୁ ଲାକଜିବ୍ ଅନା ଇବ୍‌ନୁ ଅବ୍‌ଦିଲ୍ ମୁତଲିବ୍ ଅନା ଇବ୍‌ନୁଲ୍ ଅଓ୍ୱାତିକ୍ ମୁଁ ପ୍ରଭୁଙ୍କ ଦେବଦୂତ, ଏହା ମିଥ୍ୟା ନୁହେଁ ମୁଁ ଅବଦ୍ଧୁଲ୍ ମୁତଲିବ୍‌ଙ୍କର ପୁତ୍ର ଏବଂ ମୁଁ ଅଓ୍ୱାତିକ୍ ଅର୍ଥାତ ଆତ୍‌କାଙ୍କର ପୁତ୍ର ଅଟେ ।

ସାଧାରଣତଃ ଉକ୍ତ କଲମା (ଉକ୍ତି) ହଜୁର[ସ.ଅ] ହୁନେନ୍ ଯୁଦ୍ଧ ସମୟରେ କହିଥିଲେ । କିନ୍ତୁ ସମ୍ଭବତଃ ତାହା ଆପଣ  ଓହଦ୍ ଯୁଦ୍ଧ ସମୟରେ ମଧ୍ୟ କହିଥିବେ । ଅଓ୍ୱାତିକ୍ ଆତ୍‌କାର ବହୁବଚନ ଏବଂ ଆତ୍‌କା ନାମରେ ଅନେକ ମହିଳା ସେଠାରେ ଉପସ୍ଥିତ ଥିଲେ । ଯେ ହଜୁର [ସ.ଅ]ଙ୍କର ନାନି ଓ ଦାଦିମାନେ ଥିଲେ ।

ଏହି ଘଟଣାର ବିସ୍ତୃତ ବ୍ୟାଖ୍ୟା କରି ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ନିଜ ପୁସ୍ତକ ସିରତ୍ ଖାତମୁନ୍ ନବୀଇନ୍‌ରେ ଉଲ୍ଲେଖ କରିଛନ୍ତି, ଯେତେବେଳେ ଅବଦ୍ଧୁଲ୍ଲାଃ ବିନ୍ ଜୁବେର୍ [ର.ଅ]ଙ୍କ ସାଥିମାନେ ଦେଖିଲେ କି ଏବେ ତ ବିଜୟ ଲାଭ ହୋଇ ଗଲାଣି ସେତେବେଳେ ସେ ନିଜ ଅମିର ଅବଦ୍ଧୁଲ୍ଲାଃଙ୍କୁ କହିଲେ; ଆମକୁ ଅନୁମତି ଦିଅନ୍ତୁ ଯେ, ଆମେ ମଧ୍ୟ ମୁଖ୍ୟ ମୁସଲମାନ ସେନାଦଳ ସହିତ ସମ୍ମିଳିତ ହୋଇଯାଉ । ଅବଦ୍ଧୁଲ୍ଲାଃ ତାଙ୍କୁ ଅଟକାଇଲେ କିନ୍ତୁ ସେମାନେ ଏହା କହି ତଳକୁ ଓହ୍ଲେଇ ଆସିଲେ କି ହଜୁର [ସ.ଅ]ଙ୍କ ଆଦେଶର କେବଳ

ଏତିକି ତାତ୍ପର୍ଯ୍ୟ ଥିଲା ଯେ, ଯେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ଆଶ୍ୱସ୍ତ ହୋଇ ନଯାଅ ସେପର୍ଯ୍ୟନ୍ତ ଗିରିପଥ (ଦର୍‌ର)କୁ ଛାଡ଼ିବ ନାହିଁ । ତେବେ ଖାଲିଦ୍ ବିନ୍ ଓଲିଦ୍ ଦର୍‌ରା ଖାଲି ଥିବାର ଦେଖି ସେ ନିଜ ଅଶ୍ୱାରୋହୀ ଦଳ ଓ ଅକରମା ବିନ୍ ଅବୁ ଜହଲ୍‌ର ସେନାକୁ ନେଇ ବାହାରିଲା ଏବଂ କ୍ଷଣକରେ ଅବଦ୍ଦୁଲ୍ଲାଃ ବିନ୍ ଜୁବେର୍ ର.ଅ ଓ ତାଙ୍କ ସହିତ ବାକି ରହି ଯାଇଥିବା ସାହାବିଙ୍କୁ ଶହିଦ୍ କରି ଇସଲାମୀୟ ସେନା ଆଡ଼କୁ ଅଗ୍ରସର ହୋଇ ହଠାତ୍ ଭୟାନକ ଆକ୍ରମଣ କରିଦେଲା । ହଜୁର ସ.ଅ ଯେ ଏକ ଉଚ୍ଚ ସ୍ଥାନରେ ଛିଡ଼ା ହୋଇ ସମସ୍ତ ଘଟଣା ଅବଲୋକନ କରୁଥିଲେ । ମୁସଲମାନମାନଙ୍କୁ ଡ଼ାକ ମାରିଲେ କିନ୍ତୁ ସେହି କୋଳାହଳ ପୂର୍ଣ୍ଣ ପରିବେଶରେ ହଜୁର ସ.ଅଙ୍କର ସ୍ୱର ଦବି ଯାଉଥିଲା, ତାହାକୁ କେହି ଶୁଣି ପାରି ନଥିଲେ ।

ମୁସଲମାନମାନେ ଏହି ଅଜଣା ଅତର୍କିତ ଆକ୍ରମଣ ଦ୍ୱାରା ବିଚଳିତ ହୋଇଗଲେ ଏପରିକି ଉକ୍ତ ଅଚେତନତାରେ ସେମାନେ ପରସ୍ପରକୁ ମଧ୍ୟ ପ୍ରହାର କରିବାକୁ ଲାଗିଲେ । ଆପଣା ଓ ପର ମଧ୍ୟରେ ଫରକ୍ କରି ପାରିଲେ ନାହିଁ । ହୁଜେଫା ର.ଅଙ୍କର ପିତା ୟମାନ୍‌ଙ୍କୁ ମଧ୍ୟ ଏହି ଭ୍ରମରେ ହତ୍ୟା କରିଦେଲେ । ପରବର୍ତ୍ତୀ ସମୟରେ ହଜୁର ସ.ଅ ମୁସଲମାନମାନଙ୍କ ପକ୍ଷରୁ ୟମାନ୍‌ଙ୍କ ହତ୍ୟାର କ୍ଷତି ପୂରଣ ତାଙ୍କ ପରିଜନ (ହୁଜେଫା)ଙ୍କୁ ପ୍ରଦାନ କରିବାକୁ ଚାହିଁଥିଲେ କିନ୍ତୁ ସେ ତାହା ଗ୍ରହଣ କଲେ ନାହିଁ । ସେ କହିଲେ; ମୁଁ ନିଜ ପିତାଙ୍କ ରକ୍ତ ମୁସଲମାନମାନଙ୍କୁ କ୍ଷମା ଦେଲି ।

ଏହି ପରିପ୍ରେକ୍ଷୀରେ ହଜରତ ମୁସଲେହ ମଉଦ ର.ଅ ସୁରେ ନୁର୍‌ର ଆୟତ ସଂଖ୍ୟା ୬୪ର ବ୍ୟାଖ୍ୟା କରି କୁହନ୍ତି; ଯେଉଁ ଲୋକମାନେ ଏହି ରସୁଲ୍‌ଙ୍କ ଆଦେଶର ପ୍ରତ୍ୟାଖ୍ୟାନ କରିଥାନ୍ତି । ତାଙ୍କୁ ଏଥିପ୍ରତି ଭୟଭୀତ କରାଅ ଯେ, ତାଙ୍କ ଉପରେ ପ୍ରଭୁଙ୍କ ନିକଟରୁ କୌଣସି ବିପତ୍ତି ମାଡ଼ି ନଆସୁ । **ଅତଏବ ଦେଖିନିଅ ଓ୍ୱହଦ୍ ଯୁଦ୍ଧରେ ଏହି ଆଦେଶ ଅବମାନନା କରିବା ଯୋଗୁଁ ଇସଲାମୀୟ ସେନାକୁ କିଭଳି କ୍ଷତି ପହଞ୍ଚିଲା ।** ଅମାନ୍ୟକାରୀଙ୍କ ଉପରେ ବିଜୟ ଲାଭ କରିବା ପରେ ଏକ କ୍ଷଣସ୍ଥାୟୀ ପରାଜୟ ବରଣ କରିବାକୁ ପଡ଼ିଲା । କାରଣ ସେମାନଙ୍କ ମଧ୍ୟରୁ କିଛି ଲୋକମାନେ ଆପଣଙ୍କ ଗୋଟିଏ ଆଦେଶର ଅମାନ୍ୟ କରିଥିଲେ ଅର୍ଥାତ ଆପଣଙ୍କ ନିର୍ଦ୍ଦେଶ ବିପରୀତ କାର୍ଯ୍ୟ କରିବା ହେତୁ ଏପରି ଫଳ ଭୋଗିଥିଲେ ।

ଯଦି ସେହି ଲୋକମାନେ ମୁହମ୍ମଦ ସ.ଅଙ୍କ ଆଦେଶର ଅନୁସରଣ କରିଥାନ୍ତେ ଯେପରି ଆମ ଶିରାପ୍ରଶିରା ହୃଦୟ ପଛରେ ଚାଲିଥାଏ । ଯଦି ସେମାନେ ହୃଦୟଙ୍ଗମ କରିଥାନ୍ତେ କି ହଜୁର ସ.ଅଙ୍କ ଆଦେଶ ଅନ୍ତର୍ଗତ ସମଗ୍ର ଜଗତକୁ ନିଜ ଜୀବନ ଉତ୍ସର୍ଗ କରିବାକୁ ପଡ଼େ ତେବେ ସୁଦ୍ଧା ସେସବୁ ତୁଚ୍ଛ ଓ ଅସାର । ଯଦି ସେମାନେ ନିଜ ବ୍ୟକ୍ତିଗତ ଚିନ୍ତା ଚେତନା ଅନୁସରଣ କରି ନଥାନ୍ତେ ତେବେ କଦାପି ଉକ୍ତ ଗିରିପଥକୁ ଛାଡ଼ି ନଥାନ୍ତେ ଏବଂ ଶତ୍ରୁ କଦାପି ପୁନଃ ଆକ୍ରମଣ କରିବାର ଅବସର ପାଇ ନଥାନ୍ତା । ଯଦ୍ୱାରା ହଜୁର ସ.ଅ ଏବଂ ଆପଣଙ୍କ ସହାବାଙ୍କୁ କୌଣସି କ୍ଷତି ପହଞ୍ଚି ନଥାନ୍ତା । ସୁତରାଂ ଅଲ୍ଲାଃ ପରମବ୍ରହ୍ମ କହିଲେ; **ତୁମେମାନେ ଆଦେଶର ଉଲଙ୍ଘନ କଲ ତେଣୁ ଏବେ ତାହାର କୁପରିଣତି ଭୋଗ କର ।** ହଜରତ ମୁସଲେହ ମଉଦ ର.ଅ ସୁରେ କୌସର୍‌ର ବ୍ୟାଖ୍ୟାରେ ମଧ୍ୟ ଏହି ଘଟଣାର ବିସ୍ତୃତ ଚର୍ଚ୍ଚା କରିଛନ୍ତି ।

ରଣକ୍ଷେତ୍ରରେ ହଜୁର ସ.ଅଙ୍କ ଦୃଢ଼ତାର ସହ ଦଣ୍ଡାୟମାନ ରହିବା ସମ୍ପର୍କରେ ମିକ୍‌ଦାଦ୍ ବିନ୍ ଉମେର ର.ଅ ଓ୍ୱହଦ୍ ଯୁଦ୍ଧର ଘଟଣା ଚର୍ଚ୍ଚା କରି କୁହନ୍ତି; ଅଲ୍ଲାଃଙ୍କ ରାଣ ! ଅମାନ୍ୟକାରୀମାନେ ରକ୍ତପାତ କଲେ ଏବଂ ଏହି ଅବସରରେ ହଜୁର ସ.ଅଙ୍କୁ ମଧ୍ୟ ଆଘାତ ଲାଗି ଥିଲା । ଶୁଣ ସେହି ପରମ ସତ୍ତାଙ୍କ ରାଣ ଯେ ଆପଣଙ୍କୁ ସତ୍ୟର ସହ ପ୍ରେରଣ କରିଛନ୍ତି । ଆପଣ ସ.ଅ ଚାଖେଣ୍ଟେ ମାତ୍ର ପଛଘୁଞ୍ଚା ଦେଲେ ନାହିଁ । ବରଂ ଶତ୍ରୁର ମୁକାବିଲାରେ

ଦାମ୍ଭିକତାର ସହ ଛିଡ଼ା ରହିଥିଲେ । ଗୋଟିଏ ବର୍ଣ୍ଣନାନୁଯାୟୀ ହଜୁର[ସ.ଅ] ନିଜ ସ୍ଥାନରେ ଅଟଳ ଅବିଚଳ ରହି ଶତ୍ରୁର ମୁକାବିଲା କରୁଥିଲେ ଏବଂ ନିଜ ଧନୁ ମାଧ୍ୟମରେ ସେମାନଙ୍କ ଉପରେ ତୀର ନିକ୍ଷେପ କରିଚାଲି ଥିଲେ ଏପର୍ଯ୍ୟନ୍ତ କି ତାଙ୍କ ନିକଟରେ ଥିବା ସମସ୍ତ ତୀର ଶେଷ ହୋଇଗଲା । **ସେଥିଅନ୍ତେ ଉକ୍ତ ଧନୁଟି କତାଦାଃ ବିନ୍ ନୁଅମାନ୍ ଧରି ନେଲେ ଏବଂ ତାହା ସଦାସର୍ବଦା ପାଇଁ ତାଙ୍କ ନିକଟରେ ହିଁ ରହିଥିଲା ।**

ନାଫେ ବିନ୍ ଜୁବେର୍ ବର୍ଣ୍ଣନା କରନ୍ତି; ମୁଁ ପ୍ରବାସକାରୀଙ୍କ ମଧ୍ୟରୁ ଜଣେ ବ୍ୟକ୍ତିକୁ ଏହା କହୁଥିବାର ଶୁଣିଲି କି ଓ୍ୱହଦ୍ ଯୁଦ୍ଧରେ ପ୍ରତ୍ୟେକ ଦିଗରୁ ତୀର ବର୍ଷା ହେଉଥିଲା । ଆଉ ତାହା ମଧ୍ୟରେ ହଜୁର[ସ.ଅ] ଫସି ରହି ଯାଇଥିଲେ । କିନ୍ତୁ ସମସ୍ତ ତୀର ଆପଣଙ୍କ ଠାରୁ ଦୂରେଇ ଯାଉଥିଲା । ଅବଦୁଲ୍ଲାଃ ବିନ୍ ଶହାବ୍ ଜହରୀ କୁହନ୍ତି; ଆପଣ[ସ.ଅ] ଆମମାନଙ୍କ ଠାରୁ ସୁରକ୍ଷିତ କରିଦିଆଗଲେ । ଅଲ୍ଲାଃଙ୍କ ରାଣ ! ଆମେ ଚାରି ଜଣ ବ୍ୟକ୍ତି ମକ୍କାରୁ ବାହାରିଲୁ ଏବଂ ହଜୁର [ସ.ଅ]ଙ୍କୁ ହତ୍ୟା କରିବାର ପ୍ରତିଜ୍ଞା କରିଥିଲୁ । କିନ୍ତୁ ଆମେ ତାଙ୍କ ନିକଟତର ହିଁ ହୋଇ ପାରିଲୁ ନାହିଁ ।

ହଜରତ ମସିହ ମଉଦ[ଅ.ସ] ବର୍ଣ୍ଣନା କରନ୍ତି; ହଜୁର [ସ.ଅ]ଙ୍କ ମକ୍କାର ଜୀବନୀ ଏକ ଅସାଧାରଣ ନମୁନା ଅଟେ । ଗୋଟିଏ ପାର୍ଶ୍ୱରୁ ଦେଖିଲେ ଆପଣଙ୍କ ସମ୍ପୂର୍ଣ୍ଣ ଜୀବନ ହିଁ ଯନ୍ତ୍ରଣାରେ ଅତିବାହିତ ହୋଇଥିଲା । ଓ୍ୱହଦ୍ ଯୁଦ୍ଧରେ ଆପଣ ଏକାକି ରହି ଯାଇଥିଲେ । ଆଉ ଏପରି ରକ୍ତପିପାସୁ ଶତ୍ରୁମାନଙ୍କ ଦ୍ୱାରା ଘେରି ରହିଥିଲେ ସେତେବେଳେ ମଧ୍ୟ ଆପଣ ନିଜ ଉପସ୍ଥିତିକୁ ଗୋପନ ରଖି ନଥିଲେ । ବରଂ ଘୋଷଣା କରିଦେଲେ ଯେ, ମୁଁ ଏହିଠାରେ ଅଛି । ଏଥିରେ ଏହି ଭେଦ ଥିଲା କି ଆପଣଙ୍କ ସାହସ ଓ ବିରତ୍ୱ ଲୋକମାନଙ୍କ ଉପରେ ପରିପ୍ରକାଶ ହେଉ । ଯେତେବେଳେ କି ଆପଣ[ସ.ଅ] ଦଶ ହଜାର ସୈନିକଙ୍କ ମୁକାବିଲା ଏକାକି ଛିଡ଼ା ହୋଇଗଲେ କି ମୁଁ ଅଲ୍ଲାଃଙ୍କ ରସୁଲ ଅଟେ । **ଏପରି ନମୁନା ପ୍ରଦର୍ଶିତ କରିବାର କୌଣସି ଜଣେ ହେଲେ ଅବତାରଙ୍କୁ ସୁଯୋଗ ମିଳି ନାହିଁ ।**

ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଓ୍ୱହଦ୍ ଯୁଦ୍ଧରେ ତିନି ହଜାର ସୈନିକ ସାମିଲ ଥିଲେ । କାରଣ ରଚନାକାରୀ ଲେଖିଛନ୍ତି, ସମ୍ଭବତଃ ଆପଣ[ଅ.ସ] ଦୁଇଟି ଯୁଦ୍ଧର ଆଲୋଚନା କରିଛନ୍ତି । ଅହେଜାବ୍ ଯୁଦ୍ଧରେ ମଧ୍ୟ ଦଶ ହଜାର ଅମାନ୍ୟକାରୀ ସୈନିକ ସାମିଲ ଥିଲେ । ଆଉ ଅନ୍ୟ ସ୍ଥାନମାନଙ୍କରେ ଶତ୍ରୁ ସଂଖ୍ୟା ମଧ୍ୟ ବେଶ ଅଧିକ ରହିଥିଲା । ତେବେ ସେ ଯାହା ହେଉ ହଜରତ ମସିହ ମଉଦ[ଅ.ସ] ହଜୁର [ସ.ଅ]ଙ୍କ ସାହସିକତା ଓ ବିରତ୍ୱର ନମୁନା ପ୍ରମାଣିତ କରିଛନ୍ତି । ଯେ ଅମାନ୍ୟକାରୀଙ୍କ ସମ୍ମୁଖରେ ମଧ୍ୟ ଆପଣ ଏକାକି ଛିଡ଼ା ହୋଇଗଲେ ।

ପୁନଶ୍ଚ ଆପଣ[ଅ.ସ] କୁହନ୍ତି; ଅଲ୍ଲାଃତାଲା ସର୍ବଶକ୍ତିମାନ । ସକଳ ବସ୍ତୁ ଯାହାକୁ ଚାହିଁବେ ସେ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରି ଦେଇଥାନ୍ତି । ସୁତରାଂ ନିଜ ହସ୍ତିର ଦିଗଦର୍ଶନ ତାହାର କଥନରେ ଭରି ଦେଇଥାନ୍ତି । **ଅବତାରମାନେ ଏଇଥି ପାଇଁ ତ ନିଜ ଜୀବନ ଉତ୍ସର୍ଗ କରି ଦେଉଥିଲେ ।** କ'ଣ କୌଣସି କପୋଳକଳ୍ପିତ ପ୍ରେମୀ ଏପରି କରିପାରିବ ? ଏହି କଥନ ଶୈଳୀ ଯୋଗୁଁ କୌଣସି ନବୀ ଏହି କ୍ଷେତ୍ରରେ ପାଦ ରଖି କଦାପି ପଛଘୁଞ୍ଚା ଦେଇ ନାହାନ୍ତି, ନା କୌଣସି ନବୀ ବିଶ୍ୱାସଘାତୀ ଅଟନ୍ତି । ଅର୍ଥାତ ଯାହା ଦାବି କରୁଥିଲେ ତାହା ଉପରେ ପ୍ରତିଷ୍ଠିତ ରହୁଥିଲେ ।

ଓ୍ୱହଦ୍ ଯୁଦ୍ଧ ଘଟଣାଚକ୍ରର ଲୋକମାନେ ନିଜସ୍ୱ ଯଥାର୍ଥ ଉଦ୍ଧୃତ କରିଛନ୍ତି କିନ୍ତୁ ବାସ୍ତବରେ ତାହା ପରମେଶ୍ୱରଙ୍କ ଭବ୍ୟ ପ୍ରକଟନ ଥିଲା ଏବଂ ହଜୁର [ସ.ଅ]ଙ୍କ ବ୍ୟତୀତ ଏସବୁ କେହି ସହ୍ୟ କରିବାର ସାମର୍ଥ୍ୟ ବହନ କରୁ ନଥିଲେ । ତେଣୁକରି ଆପଣ ସେହି ସ୍ଥଳେ ଦଣ୍ଡାୟମାନ ରହିଥିଲେ । ଯେତେବେଳେ କି ବାକି ସାହାବାଙ୍କ ପାଦ ଆନ୍ଦୋଳିତ ହୋଇ ଯାଇଥିଲା ।

ହଜୁର[ସ.ଅ] ଯେପରି ସାରା ଜୀବନ ନିଜ ସୃଷ୍ଟିକର୍ତ୍ତାଙ୍କ ସହ ସତ୍ୟନିଷ୍ଠତା ରକ୍ଷା କରିଥିଲେ ତାହାର ପରିଣାମ ସ୍ୱରୂପ ପ୍ରଭୁ (ପ୍ରତି ମୁର୍ହୂତ୍ତରେ) ଆପଣ [ସ.ଅ]ଙ୍କ ସହ ସାହାଯ୍ୟ ସହଯୋଗର ହସ୍ତ ପ୍ରସାରିତ କରିଥିଲେ । ସେହିପରି ନମୁନ ଅନ୍ୟ କୌଣସି ସ୍ଥଳେ ଦୃଶ୍ୟମାନ ହେଉ ନାହିଁ ।

ପରିଶେଷରେ ମହାମାନ୍ୟ ହଜୁର ଅନଓ୍ୱର[ଅ.ବ] କହିଲେ; କେତେକ ମୃତକଙ୍କ ଜମାତୀୟ ସେବାର ଚର୍ଚ୍ଚା କଲେ । ସେମାନଙ୍କ ମଧ୍ୟରେ ପ୍ରଥମ ହେଲେ ଜମାଅତର ଜଣେ ପୁରାତନ ସେବକ ଓ ମୁବଲ୍ଲିଗ୍ ଶ୍ରୀମାନ ଡ଼ାଃ ଜଲାଲ୍ ଶମସ ସାହେବ ଇନ୍‌ଚାର୍ଜ ତୁର୍କି ଡ଼େସ୍କ । କାଲି ମୁଁ ତାଙ୍କ ଜନାଯାଃ ପାଠ କରାଇ ଥିଲି । ଏବେ ମୁଁ ତାଙ୍କ ଜୀବନୀର ଉତ୍ତମ ଚରିତ୍ର ଚର୍ଚ୍ଚା କରିବାକୁ ଚାହୁଁଛି । ସେ ଜଣେ ଦକ୍ଷ, ଯୋଗ୍ୟ, ସାଧାରଣ ଓ ବିଶ୍ୱସ୍ତ ଉତ୍ସର୍ଗୀ ଥିଲେ । ଜର୍ମାନୀ ଓ ଇଂଲଣ୍ଡରେ ତାଙ୍କୁ ସେବା ସମ୍ପାଦନ କରିବାର ଅବସର ମିଳିଛି । ୨୦୦୨ମସିହାରେ ସେ ତୁର୍କିରେ ନିଜର ଦୁଇଜଣ ସାଥିଙ୍କ ସହ ପ୍ରଚାର କରିବା ସମୟରେ ବନ୍ଦୀ ହୋଇଥିଲେ । **ଯେଉଁଥି ପାଇଁ ତାଙ୍କୁ ସାଢେ ଚାରି ମାସ କାରାବରଣ ଭୋଗ କରିବାର ସୌଭାଗ୍ୟ ଲାଭ ହୋଇଥିଲା ।**

ହଜୁର ଅନଓ୍ୱର[ଅ.ବ] ଆଉ ତିନିଜଣ ମୃତକଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କରି ସେମାନଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କରିଥିଲେ । ସେମାନଙ୍କ ମଧ୍ୟରେ ଶ୍ରୀମାନ ମୁହମ୍ମଦ ଇବ୍ରାହିମ୍ ଭାମ୍ବଡ଼ି ସାହେବ ଯେ ସୁଦୀର୍ଘ ୧୦୬ ବର୍ଷ ଜୀବନ ଲାଭ କରିଥିଲେ । ସେ ଅତି ପ୍ରେମୀ ଓ ସ୍ନେହ ଆଦରକାରୀ ବ୍ୟକ୍ତି ଥିଲେ । ମୁଁ ମଧ୍ୟ ତାଙ୍କର ଜଣେ ଶିଷ୍ୟ । ତାଙ୍କ କଠୋରତାରେ ମଧ୍ୟ ଏକ ସହାନୁଭୂତି ଓ ସଂସ୍କାର କରିବା ଉଦ୍ଦେଶ୍ୟ ପ୍ରଚ୍ଛନ ରହୁଥିଲା । ଆଉ ଜଣେ ମୃତକ ଘାନାର ୟୁସୁଫ୍ ସାହେବ ରହିଛନ୍ତି, ସେ ଅତି ନିଷ୍ପାପର ଅହେମଦି ଥିଲେ । ବିଭିନ୍ନ ଜମାଅତୀୟ ପଦପଦବୀରେ ରହି ସେ ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । **ତୃତୀୟ ଜନାଯାଃ** ଅଲ୍‌ହାଜ୍ ଉସମାନ୍ ସାହେବ ଅଟନ୍ତି । ମୃତକ ଓ୍ୱସିୟତ୍‌ର ବିଭାଗରେ ଜଡ଼ିତ ଥିଲେ । ସେ ମଧ୍ୟ ଅତି ନିଷ୍ପାପର ଅହେମଦି ଥିଲେ । ହଜ୍ କରିବାର ତାଙ୍କୁ ସୌଭାଗ୍ୟ ଲାଭ ହୋଇଥିଲା । ପବିତ୍ର କୁରଆନ୍‌ର ଫାଣ୍ଟି ଭାଷାରେ ଅନୁବାଦ କରିବାରେ ତାଙ୍କର ବେଶ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି । ପ୍ରିୟ ହଜୁର ଅନଓ୍ୱର[ଅ.ବ] ଉକ୍ତ ତିନିଜଣ ମୃତକଙ୍କର ବୈକୁଣ୍ଠରେ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ ପ୍ରାର୍ଥନା କରିବା ସହ ତାଙ୍କ ସନ୍ତାନମାନଙ୍କୁ ତାଙ୍କ ପଦାଙ୍କ ଅନୁସରଣ କରିବାର ଶକ୍ତି ଲାଭ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ। ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a In Odia
29th December 2023